## ଓଡ଼ିଶା ପ୍ରତି କେନ୍ଦ୍ର...

ଏନଟିପିସି ରାଜ୍ୟ ସରକାରଙ୍କ ସହ ଚୁକ୍ତିବଦ୍ଧ ହୋଇଛି । ସେ ପୁଣି କହିଲେ ଯେ ଓଡ଼ିଶାରେ ଆଇଆଇଟି ସ୍ଥାପନ ନେଇ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ପ୍ରବଞ୍ଚନାଠାରୁ ଦୁର୍ଭାଗ୍ୟର ବିଷୟ୍‌ କିଛି ନାହିଁ । ଓଡ଼ିଶାରେ ଖଡ଼ଗପୁର ଆଇଆଇଟିର ଏକ ସାଟେଲାଇଟ ଶାଖା ପ୍ରତିଷ୍ଠା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ପରବର୍ତ୍ତୀ କାଳରେ ଦେଶରେ ୩ଟି ଆଇଆଇଟି ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିଲା ରାଜସ୍ଥାନ, ବିହାର ଓ ଓଡ଼ିଶାରେ ଏହି ଆଇଆଇଟି ଗୁଡ଼ିକ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ସ୍ଥିର କରିଥିଲେ । ପରବର୍ତ୍ତୀ କାଳରେ ରାଜସ୍ଥାନ ଓ ବିହାରରେ ଆଇଆଇଟି ପ୍ରତିଷ୍ଠା ହୋଇଥିବାବେଳେ ଓଡ଼ିଶାରେ ପ୍ରତିଷ୍ଠା ହେବାକୁ ଥିବା ଆଇଆଇଟିକୁ ଆନ୍ଧ୍ରପ୍ରଦେଶକୁ ସ୍ଥାନାନ୍ତର କରାଯାଇଛି । ସେଠାରେ କଂଗ୍ରେସ ଶାସନରେ ଥିବାରୁ ସେଠାକାର ନେତାମାନଙ୍କୁ ଖୁସି କରିବାପାଇଁ କେନ୍ଦ୍ର ସରକାର ଏହା କରିଛନ୍ତି । ତେଣୁ ପାର୍ଲାମେଣ୍ଟଠାରୁ ରାଜ୍ୟର ପ୍ରତି କୋଣରେ କେନ୍ଦ୍ର ସରକାରଙ୍କ ଏହି ଅବହେଳା ବିରୋଧରେ ପ୍ରତିବାଦର ସ୍ୱର ଉଠିଛି । ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁତକରଣ ଯୋଜନାରେ ଓଡ଼ିଶାର ମାତ୍ର ୨ଟି ଜିଲାକୁ ଆଜିପର୍ଯ୍ୟନ୍ତ ସଂଶ୍ଳିଷ୍ଟ କରାଯାଇ ୭୦ କୋଟି ଟଙ୍କା ମଂଜୁର ହୋଇଛି । କିନ୍ତୁ ରାଜ୍ୟ ସରକାର ସମସ୍ତ ଜିଲାକୁ ଏହି ଯୋଜନାରେ ସଂଶ୍ଳିଷ୍ଟ କରିବାପାଇଁ କେନ୍ଦ୍ର ନିକଟରେ ପ୍ରକଳ୍ପ ରିପୋର୍ଟ ଉପସ୍ଥାପନ କରିଛନ୍ତି । କେନ୍ଦ୍ରର ଏହି ବୈମାତୃକ ମନୋଭାବ ଯୋଗୁଁ ସାରା ରାଜ୍ୟରେ ଆନ୍ଦୋଳନର ସ୍ୱର ଉଠିଛି ବୋଲି ଶ୍ରୀ ପାତ୍ର କହିଥିଲେ । ଆଜି ବ୍ରହ୍ମପୁର ଓ କଟକଠାରେ ଏହି ଅବହେଳାକୁ ବିରୋଧକରି ବିଜୁ ଜନତାଦଳ ପକ୍ଷରୁ ଆନ୍ଦୋଳନ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ ।

## ସୁନୀଲ ଓ ସଚ୍ଚିନଙ୍କୁ...

ରିହାତି ଦେଇଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ବିଜ୍ଞାପନ ଓ ଅନ୍ୟାନ୍ୟ ବାବଦରେ ୮.୮୯କୋଟି ଟଙ୍କାର ବୈଦେଶିକ ମୁଦ୍ରା ସଚ୍ଚିନ ଆୟ୍‌ କରିଛନ୍ତି । ଖେଳ ବାହାରେ ଏହା ଆୟ୍‌ କରାଯାଇଥିଲେ ମଧ୍ୟ ସେ କ୍ରୀଡାବିତ୍‌ ଭାବେ ଆୟ୍‌କର ରିହାତି ପାଇଛନ୍ତି । ଆୟ୍‌କର ବିଭାଗ ପକ୍ଷରୁ ଜଣେ କଳାକାର ଭାବେ ତାଙ୍କୁ ରିହାତି ଦିଆଯାଇଥିବା ଦର୍ଶାଯାଇଛି । ମଡେଲ ଭାବେ ସେ ଏହି ଅର୍ଥ ପାଇନାହାନ୍ତି । ଏହି କ୍ରମରେ ସେ ମୋଟ ୮.୮୯କୋଟି ଟଙ୍କା ଉପରେ ରିହାତି ପାଇଛନ୍ତି ବୋଲି ସିଏଜି ଦର୍ଶାଇଛି । ତେବେ ତେନ୍ଦୁଲକର ମୋଟ ୩.୭୨କୋଟି ଟଙ୍କାର ଆୟ୍‌କର ରିହାତି ପାଇଛନ୍ତି । ସେହିପରି ଗାଭାସ୍କର ଭାଷ୍ୟକାର ଭାବେ ମୋଟ ୮୦.୩୪ଲକ୍ଷ ଟଙ୍କାର ବୈଦେଶିକ ମୁଦ୍ରା ସଂଗ୍ରହ କରିଛନ୍ତି । ଗାଭାସ୍କରଙ୍କୁ ମୋଟ ୨୩.୩୮ ଲକ୍ଷ ଟଙ୍କାର ରିହାତି ପ୍ରଦାନ କରାଯାଇଥିବା ସିଏଜି ରିପୋର୍ଟରେ ପ୍ରକାଶ କରିଛି ।